# 208 (I)

Total No. of Questions—**16**

Total No. of Printed Pages—**4** **Regd. No.** | | | | | | | | | | |

**Part II**
**ORIYA**
**Paper II**
**(Second Language)**

***Time : 3 Hours*** ***Max. Marks : 100***

ନିର୍ଦ୍ଦେଶ : ପ୍ରତ୍ୟେକ ପ୍ରଶ୍ନର ଉତ୍ତର କ୍ରମାନ୍ୱୟ ଭାବରେ ଲେଖିବା ଉଚିତ। ଅନ୍ୟଥା ଉପଯୁକ୍ତ ନମ୍ବର ପାଇବାରୁ ବଞ୍ଚିତ ହେବେ।

1. କୌଣସି **ଗୋଟିଏ** ପ୍ରଶ୍ନର ଦୀର୍ଘ ଉତ୍ତର ଶହେ ପଚାଶ (150)ଟି ଶବ୍ଦ ମଧ୍ୟରେ ପ୍ରଦାନ କର। 8

   (କ) କାବ୍ୟଶୈଳୀ ଦୃଷ୍ଟିରୁ 'ଚନ୍ଦ୍ରଭାଗା' ରାଧାନାଥଙ୍କର ଏକ ସଫଳ ସୃଷ୍ଟି ------ ଆଲୋଚନା କର।

   (ଖ) 'ବ୍ୟକ୍ତି ବଡ଼ ନୁହେଁ, ଜାତି ବଡ଼' ------- ପଠିତ 'ଧର୍ମପଦର ଆତ୍ମଲିପି' କବିତା ଅନୁସରଣରେ ଏହାର ଯଥାର୍ଥତା ପ୍ରତିପାଦନ କର।

2. କୌଣସି **ଗୋଟିଏ** ପ୍ରଶ୍ନର ଦୀର୍ଘ ଉତ୍ତର ଶହେ ପଚାଶ (150)ଟି ଶବ୍ଦ ମଧ୍ୟରେ ପ୍ରଦାନ କର। 8

   (କ) ପଠିତ ପ୍ରବନ୍ଧରୁ କ୍ଷମାର ମହତ୍ତ୍ୱ ଓ ଉପାଦେୟତା ବିଚାର କର।

   (ଖ) ଜାତୀୟ ଜୀବନ ଗଠନରେ ସାହିତ୍ୟର କି ଭୂମିକା ରହିଛି ବିଚାର କର।

3. ପୂର୍ବାପର ସଂପର୍କ ସୂଚାଇ କୌଣସି **ଗୋଟିଏ** ର ସରଳାର୍ଥ ଲେଖ। 4

   (କ) ଜଳଧର ରୂପ ହୋଇଥାଏ ନୃପ
   ପରଜାଙ୍କ ହିତ ପାଇଁ।

   (ଖ) ଯିବା ପାଇଁ ଯଦି ଚାହ
   ମୋତେ ଆଗ ମାରି ସନ୍ତାନଟିରେ ମାରିଦେଇ ଚାଲିଯାଅ।

4. ପୂର୍ବାପର ସଂପର୍କ ସୂଚାଇ କୌଣସି **ଗୋଟିଏ** ର ସରଳାର୍ଥ ଲେଖ। 4

(କ) ଏସବୁ ଭୁଲର ବର୍ଣ୍ଣନା କେବଳ ଯେ ହିନ୍ଦୁମାନଙ୍କର ପୁରାଣ ଓ ଇତିହାସରେ ଦେଖିବାକୁ ମିଳେ, ତାହା ନୁହେଁ; ବାଇବେଲ୍‌ରେ ଆଦାମ୍ ଓ ଇଭ୍‌ଙ୍କ ଚରିତ୍ର ବୃତ୍ତାନ୍ତ ମଧ୍ୟ ଠିକ୍ ସେଇ ଧରଣର।

(ଖ) କଥାଟି ଅତି ପ୍ରାଇଭେଟ; କିନ୍ତୁ ରାମଙ୍କ କାନରେ ବାଜିବା ମାତ୍ରେ ଅନ୍ୟର ଏହି ସାମାନ୍ୟ ସନ୍ଦେହ ପାଇଁ ମଧ୍ୟ ସୀତାଙ୍କୁ ବିଦାୟ କରାଗଲା।

5. କୌଣସି **ତିନୋଟି** ପ୍ରଶ୍ନର ଉତ୍ତର ଦୁଇଟି ବାକ୍ୟରେ ପ୍ରଦାନ କର। $3 \times 2 = 6$

(କ) ତୁମ ପଠିତ କବିତାରେ "କେଡ଼େ ଅଦ୍ଭୁତ ମଣିଷ" ବୋଲି କାହା ଉଦ୍ଦେଶ୍ୟରେ କୁହାଯାଇଛି ଓ କାହିଁକି?

(ଖ) ଡ଼ାହାଣୀ ଆଲୁଅ କେଉଁଠୁ ବାହାରି କେଉଁଠି ହଜି ଯାଇଥିଲା?

(ଗ) ସ୍ୱଭାବ କବି ଭାବରେ କିଏ ପରିଚିତ? ତାଙ୍କର ଦୁଇଖଣ୍ଡ କାବ୍ୟଗ୍ରନ୍ଥର ନାମ ଲେଖ?

(ଘ) "ପୁରୁଷ କଥାକୁ ଡ଼ରେ ସେ - କରେ ଦୂରୁ ଦୁହାର" ବୋଲି କେଉଁ ସନ୍ଦର୍ଭରେ କୁହାଯାଇଛି?

6. କୌଣସି **ତିନୋଟି** ପ୍ରଶ୍ନର ଉତ୍ତର ଦୁଇଟି ବାକ୍ୟରେ ପ୍ରଦାନ କର। $3 \times 2 = 6$

(କ) ପ୍ରାଚୀନ ଉତ୍କଳର କେଉଁ କେଉଁ ବ୍ୟକ୍ତିମାନେ ସାହିତ୍ୟ ବନ୍ଧନରେ ଆମ ସହ ବାନ୍ଧି ହୋଇ ରହିଛନ୍ତି?

(ଖ) କାହାର ନାଟକରେ କେଉଁ କଥା ସୁନ୍ଦର ଭାବରେ ବ୍ୟକ୍ତ ହୋଇଅଛି?

(ଗ) ଦେବତାମାନଙ୍କ ଅପପ୍ରଚାର ବୋଲି କେଉଁମାନେ କାହିଁକି କହିଥାନ୍ତି?

(ଘ) ମାକ୍ସ ମୁଲାର୍ କିଏ? ସେ ବେଦ ବିଷୟରେ କ'ଣ କହିଥିଲେ?

7. କୌଣସି **ଦୁଇଟି** ପ୍ରଶ୍ନର ଉତ୍ତର ଦୁଇଟି ବାକ୍ୟରେ ପ୍ରଦାନ କର। $2 \times 2 = 4$

(କ) ବେଣୁଧର ତା'ର ପୁରୁଣା ସଂସାରକୁ କିପରି ଦେଖିଥିଲା?

(ଖ) ଜହ୍ନ ଗଦେଇକୁ କାହା କଥା କୁହେ ଓ କାହିଁକି?

(ଗ) ରିକ୍‌ସାରେ ବସିଯାଉଥିବା ଲୋକଟି ପ୍ରତି ରାଓଙ୍କର କି ମନ୍ତବ୍ୟ ଥିଲା?

8. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଗୋଟିଏ ବାକ୍ୟରେ ପ୍ରଦାନ କର। $5 \times 1 = 5$

(କ) କାଳିଦାସଙ୍କ 'ମେଘଦୂତ' କାବ୍ୟକୁ ଓଡ଼ିଆରେ କିଏ ଅନୁବାଦ କରିଥିଲେ?

(ଖ) ଲକ୍ଷ୍ମଣ ସୀତାଙ୍କୁ କେଉଁ ନଦୀ କୂଳରେ ଛାଡ଼ିଦେଇ ଆସିଲେ?

(ଗ) ଗୋପବନ୍ଧୁ କେଉଁ ଦୈନିକ ପତ୍ରିକାର ପ୍ରତିଷ୍ଠାତା?

(ଘ) 'ଗ୍ରାମ୍ୟ ଶ୍ମଶାନ' କବିତାର କବି?

(ଙ) ତୁମ ପଠିତ କବିତାରେ କାହାକୁ 'ବିଶ୍ୱବାଦୀ' ବୋଲି କୁହାଯାଇଛି?

9. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଗୋଟିଏ ବାକ୍ୟରେ ପ୍ରଦାନ କର। $5 \times 1 = 5$

(କ) ବିଶ୍ୱନାଥ କର କେଉଁ ଧର୍ମ ଗ୍ରହଣ କରିଥିଲେ?

(ଖ) ମାୟାଧର ମାନସିଂହଙ୍କ ତୁମ ପଠିତ ପ୍ରବନ୍ଧ?

(ଗ) କିଏ ଭୁଲରେ ନିଜ ପୁଅର ମୁଣ୍ଡ କାଟିଦେଇଥିଲେ?

(ଘ) ଋଣ ନେଇ ଶୁଝି ନପାରିଲେ ଆର ଜନ୍ମରେ କ'ଣ ହେବାକୁ ପଡ଼ିବ ବୋଲି ଲୋକ ବିଶ୍ୱାସ?

(ଙ) 'ଜାତୀୟ ଜୀବନରେ ସାହିତ୍ୟର ସ୍ଥାନ' ପ୍ରବନ୍ଧର ପ୍ରାବନ୍ଧିକ?

10. କୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର ଶହେ ପଚାଶ (150)ଟି ଶବ୍ଦ ମଧ୍ୟରେ ପ୍ରଦାନ କର। 10

(କ) 'ଏବେ ମଧ୍ୟ ବଞ୍ଚିଛି' ଗଳ୍ପର ନାମକରଣର ସାର୍ଥକତା ପ୍ରତିପାଦନ କର।

(ଖ) ଦୁର୍ନୀତି କିପରି ସମାଜକୁ କଳଙ୍କିତ କରିଛି 'ଦର୍ଶନ' ଗଳ୍ପ ଅବଲମ୍ବନରେ ଆଲୋଚନା କର।

11. କୌଣସି **ଗୋଟିଏ** ବିଷୟରେ ପ୍ରବନ୍ଧ ଲେଖ। 12

(କ) ସ୍ୱଚ୍ଛଭାରତ

(ଖ) ଜୀବନରେ କ୍ରୀଡ଼ା କସରତର ଆବଶ୍ୟକତା

(ଗ) ଏଡସ୍ (AIDS)

12. କୌଣସି **ପାଞ୍ଚଟି**ର ସଂକ୍ଷେପଣ କର। 5

ଜାଣିବାର ଇଚ୍ଛା,  ଗଣପତିଙ୍କ ଉପାସକ,

ନ୍ୟାୟ ଶାସ୍ତ୍ରରେ ପଣ୍ଡିତ,  ଭଗିନୀର ପୁତ୍ର,

ସୁଜନର ଗୁଣ,  ଭାଷାମାନଙ୍କର ରାଜା,

ଯାହା ଆସିନାହିଁ,  ଶିଷ୍ୟର ଶିଷ୍ୟ

13. କୌଣସି **ପାଞ୍ଚଟିର** ଦୁଇଟି ଲେଖାଏଁ ସମାନାର୍ଥକ ଶବ୍ଦ (ପ୍ରତିଶବ୍ଦ) ଲେଖ। 5

ନୀରଦ, ବାରିଧି, ସରିତ, ଖଗ, ରସା, ଅଚଳ, ଜୀମୂତ, ତପନ

14. କୌଣସି **ପାଞ୍ଚଟିର** ଭ୍ରମ ସଂଶୋଧନ କର। 5

ଶତୃଘ୍ନ, ଅନୁସୂୟ୍ୟ, ସାହାର୍ଯ୍ୟ, ଆଶୀଷ, ଦାଶରଥୀ, ସନ୍ୟାସ, ଦୁରାବସ୍ଥା, ଭୌଗଳିକ

15. କୌଣସି **ପାଞ୍ଚଟିର** ଅର୍ଥଗତ ପାର୍ଥକ୍ୟ ଲେଖ। 5

ଅନିଳ - ଅନୀଳ, ତରଣି - ତରଣୀ

ଗୋଲକ - ଗୋଲୋକ; ଚରିତ - ଚରିତ୍ର

ନାଳ - ନାଲ; ପରଶ - ପରଷ

ବାଳିଶ - ବାଲୀଶ; ସ୍ରବଣ - ଶ୍ରବଣ

16. ଓଡ଼ିଆରେ ଅନୁବାଦ କର। 8

Lal Bahadur was in his early life greatly influenced by the teachings of saints and philosophers. He was interested in the ideas of Swamy Vivekananda, Ramakrishna Paramahansa and Swamy Ramtirth. He also liked to read the books of Western writers like Bertrand Russel and Huxley. Mrs. Lal Bahadur Shastry is a lady of great faith in God and religion. The first time she appeared in public with her husband was when she went with him to Nepal.